# REGIONAL NEWS UNIT, AIR CUTTACK

## Midday Bulletin (2.32PM)

### 26 May - 2026

********************************

## ମୁଖ୍ୟ ସମ୍ବାଦ

- ଆକାଶବାଣୀର ୯୦ ବର୍ଷ ପୂର୍ତ୍ତି ଅବସରରେ ବିଶାଳ ପଦଯାତ୍ରା ଆୟୋଜିତ

– ପଦଯାତ୍ରାରେ ଭାଗ ନେଲେ ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥୋ ଏବଂ ଜଷ୍ଟିସ ଶିବୋ ଶଙ୍କର ମିଶ୍ର

- ପୁରୀଠାରେ ଆସନ୍ତା ମାସରେ ଅନୁଷ୍ଠିତ ହେବ ବ୍ରିକ୍ସ ରାଷ୍ଟ୍ରୀୟ ସମୂହର ବୈଷୟିକ ସମ୍ମିଳନୀ

- କଳାହାଣ୍ଡି ଜିଲ୍ଲାର ଗୌଡ଼କର୍ଲାଖୁଣ୍ଟା ଗ୍ରାମରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କର ମୃତ୍ୟୁ

ଏବଂ

- ଶୃଙ୍ଖଳିତ ସ୍ନାନଯାତ୍ରା ଓ ଘୋଷଯାତ୍ରାର ଆୟୋଜନ ନେଇ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

Desk

# ଆକାଶବାଣୀ ୯୦ ବର୍ଷ ପୂର୍ତ୍ତି

ଶାରୀରିକ ସୁସ୍ଥତା ବର୍ତ୍ତମାନ ସମୟରେ ଏକ ବଡ଼ ଆହ୍ୱାନ ବୋଲି ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥୋ କହିଛନ୍ତି। ଆକାଶବାଣୀର ୯୦ ବର୍ଷ ପୂର୍ତ୍ତି ଅବସରରେ' କଟକ ଆକାଶବାଣୀ କେନ୍ଦ୍ର ପକ୍ଷରୁ ଆୟୋଜିତ ପଦଯାତ୍ରାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜଷ୍ଟିସ ରଥୋ କହିଛନ୍ତି, ଆକାଶବାଣୀର କାର୍ଯ୍ୟକ୍ରମ ବାଲ୍ୟକାଳରୁ ତାଙ୍କ ଜୀବନରେ ପ୍ରଭାବ ପକାଇଛି।

**- V/O -**

କଟକ ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମଠାରୁ ଆରମ୍ଭ ହୋଇଥିବା ପଦଯାତ୍ରାରେ ସମ୍ମାନନୀୟ ଅତିଥିଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଅନ୍ୟତମ ବିଚାରପତି ଜଷ୍ଟିସ୍ ଶିବୋ ଶଙ୍କର ମିଶ୍ର ଯୋଗଦେଇ କହିଛନ୍ତି, ବିଗତ ୪୦ ବର୍ଷ ଧରି ଆକାଶବାଣୀର ଶ୍ରୋତାଭାବେ ଜଡ଼ିତ ହୋଇ ରହିଛନ୍ତି। ଏହି ଅବସରରେ ଆକାଶବାଣୀ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ଯୋଗଦେଇଥିବା ସମସ୍ତଙ୍କୁ ଜଷ୍ଟିସ ମିଶ୍ର ଶୁଭେଚ୍ଛା ଜଣାଇଥିଲେ।

କଟକ ମହାନଗର ନିଗମର କମିଶନର କିରନଦୀପ କୌର ସହୋଟ୍ଟା ଅନ୍ୟତମ ସମ୍ମାନନୀୟ ଅତିଥିଭାବେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଆକାଶବାଣୀ ୯୦ ବର୍ଷ ପୂରଣ କରିଛି ଏବଂ ଆଗାମୀ ଦିନରେ ଏହା ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରିବାରେ ସହାୟକ ହେବ।

କାର୍ଯ୍ୟକ୍ରମକୁ ଦୁଇ ବିଚାରପତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ପ୍ରାୟ ୪୦୦ ଜଣ ଭାଗ ନେଇଥିଲେ। ଜବାହରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମ୍‌ରୁ ପଦଯାତ୍ରା ଆରମ୍ଭ ହୋଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ଭି.ରତ୍ନ ପ୍ରସାଦ ତାଙ୍କର ସ୍ୱାଗତ ଭାଷଣରେ ଆକାଶବାଣୀର ସ୍ୱତନ୍ତ୍ରତା ଏବଂ ବିଶ୍ୱସନୀୟତା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ସମ୍ବାଦ ବିଭାଗର ସମ୍ପାଦକ ଇତିଶ୍ରୀ ସିଂ ରାଠୋର ପରିଚାଳନା କରିଥିଲେ। ଯାନ୍ତ୍ରିକ ବିଭାଗର ସଞ୍ଜୁଲତା ନାୟକ କାର୍ଯ୍ୟକ୍ରମର ସଂଯୋଜକ ଥିବା ବେଳେ ଆକାଶବାଣୀ କଟକ କେନ୍ଦ୍ରର ଅନ୍ୟ ବିଭାଗଗୁଡ଼ିକର ସହଯୋଗରେ ପଦଯାତ୍ରାର ଆୟୋଜନ କରାଯାଇଥିଲା। ପଦଯାତ୍ରାରେ ଆକାଶବାଣୀର କର୍ମଚାରୀମାନଙ୍କ ସମେତ ସେବା ନିବୃତ୍ତ ଏବଂ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରୋତାମାନେ ଭାଗ ନେଇଥିଲେ।

Puri

## ବ୍ରିକ୍ସ ସମ୍ମିଳନୀ

ଭାରତର ଅଧ୍ୟକ୍ଷତାରେ ବ୍ରିକ୍ସ ରାଷ୍ଟ୍ର ସମୂହର ‘ବିପର୍ଯ୍ୟୟ ବିପଦ ହ୍ରାସ କାର୍ଯ୍ୟକାରୀ ଗୋଷ୍ଠୀ’ର ବୈଷୟିକ ସମ୍ମିଳନୀ ଆସନ୍ତା ଜୁନ୍ ୩ ତାରିଖରୁ ୫ ତାରିଖ ପର୍ଯ୍ୟନ୍ତ ପୁରୀରେ ଅନୁଷ୍ଠିତ ହେବ। ସମ୍ମିଳନୀରେ ବ୍ରିକ୍ସ ସଦସ୍ୟ ରାଷ୍ଟ୍ରଗୁଡ଼ିକର ପ୍ରତିନିଧି ଓ ବିଶେଷଜ୍ଞମାନେ ଯୋଗଦେଇ ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧୀ କ୍ଷମତା ବୃଦ୍ଧି ଏବଂ ଅନ୍ତର୍ଜାତୀୟ ସହଯୋଗ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବେ। ବ୍ରାଜିଲ, ଇଜିପ୍ଟ, ଇଥିଓପିଆ, ଇଣ୍ଡୋନେସିଆ, ଇରାନ୍, ରୁଷିଆ, ସାଉଦିଆରବ୍, ଦକ୍ଷିଣ ଆଫ୍ରିକା, ୟୁ.ଏ.ଇ. ଏବଂ ଚୀନ୍‌ର ପ୍ରତିନିଧିଗଣ ସମ୍ମିଳନୀରେ ଯୋଗଦେବେ।  ବାତ୍ୟା ପରିଚାଳନା, ଗୋଷ୍ଠୀ ଭିତ୍ତିକ ପୂର୍ବ ସଚେତନତା ବ୍ୟବସ୍ଥା ଏବଂ ସଫଳ ଉଦ୍ଧାର ଓ ସ୍ଥାନାନ୍ତରଣ କୌଶଳ ନିମନ୍ତେ ଓଡ଼ିଶା ଅନ୍ତର୍ଜାତୀୟସ୍ତରରେ ପ୍ରଶଂସିତ ହୋଇଆସିଛି। ବିପର୍ଯ୍ୟୟ ପ୍ରସ୍ତୁତି ଓ ପରିଚାଳନା କ୍ଷେତ୍ରରେ ରାଜ୍ୟର ସକ୍ରିୟ ସଫଳତା ଏବଂ ସୁଦୃଢ଼ ପଦକ୍ଷେପ ପାଇଁ ଓଡ଼ିଶାକୁ ଏହି ଗୁରୁତ୍ୱପୂର୍ଣ୍ଣ ବୈଷୟିକ ବୈଠକର ଆୟୋଜକ ଭାବେ ମନୋନୀତ କରାଯାଇଛି। ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ସଫଳତା ଓ ଦକ୍ଷତାକୁ ଅନ୍ତର୍ଜାତୀୟସ୍ତରରେ ପ୍ରସାର କରିବା ଦିଗରେ ଏହି ମଞ୍ଚ ବେଶ୍ ଉପାଦେୟ ହୋଇପାରିବ ବୋଲି କୁହାଯାଉଛି।

ଏହି ବୈଷୟିକ ସମ୍ମିଳନୀ ମାଧ୍ୟମରେ ବ୍ରିକ୍ସ ଦେଶଗୁଡ଼ିକ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ବନ୍ଧୀୟ ଜ୍ଞାନ ବିନିମୟ, ନୂତନ ପ୍ରଯୁକ୍ତି ଓ

ସମନ୍ୱିତ କାର୍ଯ୍ୟ ପଦ୍ଧତି ଉପରେ ଆଲୋଚନା ହେବା ସହିତ ପାରସ୍ପରିକ ସହଯୋଗ ଆହୁରି ସୁଦୃଢ଼ ହେବ ବୋଲି ଆଶା କରାଯାଉଛି।

Desk

## ମୁଖ୍ୟମନ୍ତ୍ରୀ- ନୀତିନ ନବୀନ

ନୂଆଦିଲ୍ଲୀଠାରେ ଭାରତୀୟ ଜନତା ପାର୍ଟିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନୀତିନ ନବୀନଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୌଜନ୍ୟମୂଳକ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଦଳର ସଂଗଠନ ଓ ସର୍ବାଙ୍ଗୀନ ବିକାଶ ସମ୍ପର୍କରେ ଶ୍ରୀ ନବୀନଙ୍କ ସହିତ ଆଲୋଚନା କରିଛନ୍ତି। କେନ୍ଦ୍ର ସରକାରଙ୍କ ନିରନ୍ତର ସହଯୋଗରେ ରାଜ୍ୟରେ ବିକାଶ ପ୍ରକ୍ରିୟା ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Puri

## ସ୍ନାନଯାତ୍ରା ବୈଠକ

ଶୃଙ୍ଖଳିତ ସ୍ନାନଯାତ୍ରା ଓ ଘୋଷଯାତ୍ରା ଆୟୋଜନ ନେଇ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟଠାରେ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ସ୍ନାନଯାତ୍ରା ଓ ରଥଯାତ୍ରା ସମୟରେ ଶୃଙ୍ଖଳିତ ନୀତିକାନ୍ତି ଏବଂ ଶୃଙ୍ଖଳିତ ପହଣ୍ଡିକୁ ନେଇ ବୈଠକରେ ଆଲୋଚନା କରାଯାଇଥିଲା। ମହାପ୍ରଭୁଙ୍କ ସମସ୍ତ ନୀତିକାନ୍ତି ଧାର୍ଯ୍ୟ ନୀତିନିର୍ଘଣ୍ଟ ଅନୁଯାୟୀ କରିବାକୁ ନିଯୋଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଶୃଙ୍ଖଳିତ ପହଣ୍ଡି ପାଇଁ ତିନି ରଥରେ ପ୍ରଶାସକ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସଂଖ୍ୟା ଅନୁଯାୟୀ, ସେବା ଅଧିକାର ପାଇଥିବା

ସେବାୟତମାନେ ଉପସ୍ଥିତ ରହିବେ। ବୈଠକରେ ଦଇତାପତି ନିଯୋଗର ସଭାପତି, ସମ୍ପାଦକଙ୍କ ସମେତ ନିଯୋଗ ସଦସ୍ୟମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ରଥଯାତ୍ରା ସମୟରେ ମହାପ୍ରଭୁଙ୍କ ସେବାପୂଜାକୁ ଶୃଙ୍ଖଳିତ କରିବା ପାଇଁ ଦଇତାପତି ନିଯୋଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଦଇତାପତି ସେବକ ମତ ରଖିଛନ୍ତି।

Puri

## ଶ୍ରୀଗୁଣ୍ଡିଚା ମନ୍ଦିର ସୌନ୍ଦର୍ଯ୍ୟକରଣ

ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାକୁ ଅଧିକ ସୁନ୍ଦର କରିବା ପାଇଁ ଶ୍ରୀଗୁଣ୍ଡିଚା ମନ୍ଦିରରେ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ି ଆଜି ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉନ୍ନତିକରଣ ଓ ଭିତର ପାର୍ଶ୍ୱ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଆଗାମୀ ରଥଯାତ୍ରା ପରେ ଗୁଣ୍ଡିଚା ମନ୍ଦିରକୁ ସର୍ବସାଧାରଣଙ୍କ ଦର୍ଶନ ପାଇଁ ଖୋଲାଯିବ ବୋଲି ମୁଖ୍ୟ ପ୍ରଶାସକ ଶ୍ରୀ ପାଢ଼ି କହିଛନ୍ତି।

Desk

## ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ

ରାଜ୍ୟରେ ଆଗାମୀ ଦିନରେ ମନ୍ତ୍ରିମଣ୍ଡଳର ସମ୍ପ୍ରସାରଣ ହେବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ନିଗମ ବୋର୍ଡ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଦଳ ଓ ସରକାର ଏହା ମଧ୍ୟରେ ଚୟନ ପ୍ରକ୍ରିୟା ଆରମ୍ଭ

କରିଛନ୍ତି। ଖୁବ୍‌ଶୀଘ୍ର ଏହା ଶେଷ ହେବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

**- V/O –**

BBSR/C

## ଶ୍ୱାସରୁଦ୍ଧ– ୬ ମୃତ

କଳାହାଣ୍ଡି ଜିଲ୍ଲା ମଦନରାମପୁର ଥାନା ଅଧୀନ ଗୌଡ଼କର୍ଲାଖୁଣ୍ଟା ଗ୍ରାମରେ ଆଜି ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ମୃତ୍ୟୁ ଘଟିଛି। ପୁଲିସ ସୂଚନା ଅନୁସାରେ, ଶ୍ରମିକମାନେ ଏକ ସେପ୍ଟିକ୍ ପାଇଖାନା ଟାଙ୍କିରେ କାର୍ଯ୍ୟ କରୁଥିବା ସମୟରେ ଜଣେ ମିସ୍ତ୍ରୀ ଶ୍ୱାସରୁଦ୍ଧ ହୋଇଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ଶ୍ରମିକ, ଘର ମାଲିକ ଓ ତାଙ୍କ ପୁଅ ଟାଙ୍କି ଭିତରେ ମଧ୍ୟ ଶ୍ୱାସରୁଦ୍ଧ ହୋଇପଡ଼ିଥିଲେ। ସମସ୍ତଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ଥିବା ଅନ୍ୟ ଜଣେ ଶ୍ରମିକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସ୍ଥାନୀୟ ପୁଲିସ ଘଟଣାର ଅନୁସନ୍ଧାନ ଜାରି ରଖିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଣାରେ ଅତ୍ୟନ୍ତ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ଆତ୍ମୀୟ ସ୍ୱଜନଙ୍କ ପାଇଁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି।

Nuapada

## ମାଗଣା ଆଇନ୍

ନୂଆପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କାରାଗାର ପରିସରରେ ମୁଲାକାତ ଆଇନ ସହାୟତା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ନବନୀତା ଦାସ ମାଗଣା ଆଇନ ସେବା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ମୁଲାକାତ ଆଇନ ସହାୟତା କେନ୍ଦ୍ରକୁ ଆସି କାର୍ଯ୍ୟରତ ସରକାରୀ ଓକିଲ ଓ ଅଧିକାର ମିତ୍ରଙ୍କଠାରୁ ମାଗଣା ଆଇନ ପରାମର୍ଶ ନେବା ପାଇଁ କଏଦୀଙ୍କ ପରିବାରବର୍ଗ ଓ ଆତ୍ମୀୟଙ୍କୁ ଶ୍ରୀମତୀ ଦାସ ଆହ୍ୱାନ ଦେଇଥିଲେ।

BHK

## ଏସ୍.ଆଇ.ଆର୍ କର୍ମଶାଳା

ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକର ମଠଡିହ ସରକାରୀ ନୋଡାଲ ଉଚ୍ଚବିଦ୍ୟାଳୟରେ ଭୋଟର ତାଲିକାରେ ସ୍ୱତନ୍ତ୍ର ସଘନ ସଂଶୋଧନ–ଏସ୍.ଆଇ.ଆର୍ ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଚାନ୍ଦବାଲି ବ୍ଲକର ଆରଡ଼ି, ସୁନ୍ଦରପୁର, ନାନ୍ଦପୁର, ଓଳଗ ପଞ୍ଚାୟତର ୨୦ଟି ବୁଥ୍‌ର ବି.ଏଲ୍.ଓ. ଓ ସୁପରଭାଇଜରଙ୍କୁ ଏସ୍.ଆଇ.ଆର୍. ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। କର୍ମଶାଳାରେ ନିର୍ଭୁଲ ତଥ୍ୟ ସଂଗ୍ରହ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

Desk

## ପାଣିପାଗ

ରାଜ୍ୟରେ ଗ୍ରୀଷ୍ମ ଲହରି ଜାରି ରହିଥିବା ବେଳେ ଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର କେତେକ ସ୍ଥାନରେ ହାଲୁକାରୁ  ମଧ୍ୟମ ଧରଣର ବର୍ଷା ହୋଇଯାଇଛି । କେନ୍ଦୁଝର ଜିଲ୍ଲାର ବାଂଶପାଳରେ ସର୍ବାଧିକ ୨୬ ଦଶମିକ ୨ ମିଲିମିଟର ବର୍ଷା ରେକର୍ଡ ହୋଇଛି । ସେହିପରି କନ୍ଧମାଳ ଜିଲ୍ଲା ଟିକାବାଲିରେ ୨୬ ମିଲିମିଟର, ସୁନ୍ଦରଗଡ଼ ଜିଲ୍ଲା ଟେନ୍‌ସାରେ ୧୪ ଦଶମିକ ୮, କନ୍ଧମାଳ ଜିଲ୍ଲା ଚକାପାଦରେ ୧୪ ଦଶମିକ ୨, କୋରାପୁଟ ଜିଲ୍ଲା ସିମିଳିଗୁଡ଼ାରେ ୧୪, କେନ୍ଦୁଝର ଜିଲ୍ଲା ତେଲକୋଇରେ ୧୩ ଦଶମିକ ୨, ସାହାରପଡ଼ାରେ ୧୨ ଦଶମିକ ୨ ଏବଂ ମୟୂରଭଞ୍ଜ ଜିଲ୍ଲାର ରରୁଆଁରେ ୧୦ ମିଲିମିଟର ବର୍ଷରେ ରେକର୍ଡ ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ସୂଚନା ଦେଇଛି ।